ODM EDUCATIONAL GROUP
Changing your Tomorrow

# MORNING PRAYER





[redacted]

CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :1**
**CLASS :3**
**SUBJECT : ODIA**
**CHAPTER NUMBER: 11**
**CHAPTER NAME : ଏକତାର ବଳ**
**SUBTOPIC : ଉପକ୍ରମ ,କବିତା ଆବୃତ୍ତି ଓ ଯୁକ୍ତାକ୍ଷର ଶବ୍ଦ**

CHANGING YOUR TOMORROW

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ପଠନ,କଥନ,ଶ୍ରବଣ ଓ ଆବୃତ୍ତି ଶୈଳୀ ର ଅଭିବୃଦ୍ଧି କରାଇବା |







ODM
EDUCATIONAL GROUP
Changing your Tomorrow



# ଏକତାର ବଳ









ODM EDUCATIONAL GROUP
Changing your Tomorrow

# ଏକତାର ବଳ

ପିମ୍ପୁଡ଼ିଙ୍କ ଦିନେ ବସିଲା ସଭା
ବିଚାରିଲେ ଆଖୁଚାଷ କରିବା ।
ଯତନେ କିଆରି ତିଆରି କଲେ,
ବାଛିବାଛି ଚାରା ଲଗାଇ ଦେଲେ ।
କିଆରିରେ ଦେଲେ ବାଡ଼ ଘେରାଇ
ପାତିମାଙ୍କଡ଼କୁ ଦେଲେ ଜଗାଇ ।
ବଢ଼ିଗଲା ଆଖୁ ହେଲା ପାକଳ
ହାତୀର ପାଟିରୁ ଗଡ଼ିଲା ଲାଳ ।



483L61



ଆଖୁକିଆରିରେ ପଶିଲା ହାତୀ
ଚମ୍ପାଗଛଡାଳୁ ଡାକିଲା ପାତି ।
ଶୁଣିଲେ ପିମ୍ପୁଡ଼ି ଆସିଲେ ଧାଇଁ
ହାତୀ ପିମ୍ପୁଡ଼ିଙ୍କ ହେଲା ଲଢ଼େଇ ।
ପିମ୍ପୁଡ଼ି କାମୁଡ଼ା ସହି ନପାରି
ହାତୀ ପଳାଇଲା ଜୀବନ ଧରି ।
କିଆରିରେ ହାତୀ ରହିଲା ନାହିଁ
ଖୁସିରେ ପିମ୍ପୁଡ଼ି ଉଠିଲେ ଗାଇ ।
ହାତୀ ଖାଇଯିବ ଆମ ସମ୍ପତ୍ତି
ଛାଡ଼ିଦେବୁ ଆମେ ପିମ୍ପୁଡ଼ି ଜାତି ?

PATHAGARA.ODIAPORTAL.IN By OdiaPortal.IN

# ମିଳିମିଶି କାମ କଲେ ,
# ବିପଦ ନ ପଡଇ ଭଲେ



## ଯୁକ୍ତାକ୍ଷର ଓ କଠିନ ଶବ୍ଦ

ପିମ୍ପୁଡି-

ମାଙ୍କଡ –

ବିଚାରିଲେ – ବିଚାର କରିବା

ପାକଳ - ପାଚିଲା

ଯତନ – ଯତ୍ନ କରିବା

ସମ୍ପତ୍ତି – ଧନ ,ବିଭବ,ସମ୍ପତ୍ତି

## ସମାନ ଉଚ୍ଚାରଣ ଶବ୍ଦ

ଘେରାଇ - ଜଗାଇ

ହାତୀ - ପାତି

କଲେ - ଦେଲେ

ଲାଳ - ପାକଳ



# ପ୍ରଶ୍ନ ଉତ୍ତର ଦିଅ

କେଉଁ ମାନଙ୍କର ସଭା ବସିଲା ?

ପିମ୍ପୁଡିମାନେ କି ଚାଷ କରିବା ପାଇଁ ବିଚାର କଲେ ?

ଯତନରେ ସେମାନେ  କଣ ତିଆରି କଲେ  ?

ସେମାନେ ବାଛି ବାଛି କଣ ଲଗାଇ ଦେଲେ  ?

କିଏ ତିଆରି ଜଗିଲା ?

କଣ ଦେଖି ହାତୀର ପାଟିରୁ ଲାଳ ଗଡିଲା ?

ପାତି କେଉଁଠାରୁ ଡାକ ଦେଲା ?

କାହା କାହା ମଧ୍ୟରେ ଲଢେଇ ହେଲା ?

ଲଢେଇରେ କିଏ ହାରିଲା  ?

# ଗୃହକର୍ମ

ODM EDUCATIONAL GROUP

କବିତା ଟିକୁ ମନେରଖ  ।



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ କବିତା ଆବୃତ୍ତି ଶୈଳୀର ଅଭିବୃଦ୍ଧି ଘଟିବ |



## THANKING YOU

## ODM EDUCATIONAL GROUP